ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ କାକଟିଆ

*1960*

*ନଭେମ୍ବର 18*

ବନାମ

ମଧ୍ୟପ୍ରଦେଶ ରାଜ୍ୟ

(ଜାଫର ଇମାମ, ଜେ. ଏଲ. କପୁର, କେ. ସି. ଦାସଗୁପ୍ତ, ରଘୁବର ଦୟାଲ ଏବଂ ଏନ୍. ରାଜଗୋପାଳ ଆୟାଙ୍ଗର, ନ୍ୟାୟମୂର୍ତ୍ତିଗଣ)

*"ଶାସକ- ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତି- ପୂର୍ବତନ ଶାସକ ସମ୍ବିଧାନ ବହିର୍ଭୂତ ଉଦ୍ଦେଶ୍ୟ ନିମିତ୍ତାର୍ଥେ କି -ମୌଫିଦାର, ଅର୍ଥ- ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 366(22)- ମଧ୍ୟପ୍ରଦେଶ, ମାଲିକାନା ଅଧିକାର ଉଚ୍ଛେଦ (ମାହାଲ, ମହଲ, ହସ୍ତାନ୍ତରିତ ଜମି) ଅଧିନିୟମ, 1950 (1951 ର ଏମ.ପି.ଆଇ.), ଧାରା 2(m) ।*

ଆବେଦନକାରୀ ବସ୍ତର  ରାଜ୍ୟର ଶାସକ ଥିଲେ ଯାହା ପରେ ମଧ୍ୟପ୍ରଦେଶ ରାଜ୍ୟ ସହିତ ଏକୀଭୂତ ହୋଇଥିଲା । ସମ୍ବିଧାନର ଅନୁଚ୍ଛେଦ 366(22) ଅଧୀନରେ ରାଷ୍ଟ୍ରପତି ତାଙ୍କୁ ଶାସକ ଭାବରେ ସ୍ୱୀକୃତି ଦେଇଥିଲେ । ମଧ୍ୟପ୍ରଦେଶ ମାଲିକାନା ଅଧିକାର ଉଚ୍ଛେଦ (ମାହାଲ, ମହଲ, ହସ୍ତାନ୍ତରିତ ଜମି) ଅଧିନିୟମ, 1950 ଅଧୀନରେ ଆବେଦନକାରୀଙ୍କ କେତେକ ଜମି ପ୍ରତିବାଦୀ ପୁନର୍ବାର ଦଖଲ କରିଥିଲେ । ଆବେଦନକାରୀ ଯୁକ୍ତି କରିଥିଲେ ଯେ ସେ ସେବେ ବି ଜଣେ ଶାସକ ଏବଂ ଜଣେ ପୂର୍ବତନ ଶାସକ ନଥିଲେ ଏବଂ ଏହିପରି ଅଧିନିୟମରେ ଦିଆଯାଇଥିବା "ମାଲିକ" ର ସଂଜ୍ଞା ମଧ୍ୟରେ ଆସୁନାହାନ୍ତି ।

*କୁହାଗଲା* ଯେ ଆବେଦନକାରୀ  ଅଧିନିୟମର ଉଦ୍ଦେଶ୍ୟ ପାଇଁ ଜଣେ ପୂର୍ବତନ ଶାସକ ଥିଲେ ଏବଂ 'ମାଲିକ' ର ସଂଜ୍ଞାରେ ଅନ୍ତର୍ଭୁକ୍ତ ବ୍ୟକ୍ତିଗଣଙ୍କ ବର୍ଗ ମଧ୍ୟରେ ଥିଲେ ଏବଂ ଅଧିନିୟମର ପରିସର ମଧ୍ୟରେ ଥିଲେ । ବାସ୍ତବରେ ଆବେଦନକାରୀ ଜଣେ ପୂର୍ବତନ ଶାସକ ଥିଲେ । ତାଙ୍କୁ ପ୍ରଦତ୍ତ ପ୍ରତ୍ୟାଭୂତିଯୁକ୍ତ ବ୍ୟକ୍ତିଗତ ବାର୍ଷିକ ଭତ୍ତା ଉଦ୍ଦେଶ୍ୟରେ ସେ ଜଣେ ଜଣେ ଶାସକ ଥିଲେ । ଅନୁଚ୍ଛେଦ 366(22) ରେ ଏପରି କିଛି ନଥିଲା ଯାହା ସମ୍ବିଧାନ ବହିର୍ଭୂତ ଉଦ୍ଦେଶ୍ୟ ନିମିତ୍ତାର୍ଥେ ଏପରି ବ୍ୟକ୍ତିଙ୍କୁ ଶାସକ ଭାବରେ ବିବେଚନା କରିବା ପାଇଁ ଏକ ନ୍ୟାୟାଳୟ ଆବଶ୍ୟକ କରୁଥିଲା । ପୁନଶ୍ଚ, ଅଧିଗ୍ରହଣ କରାଯାଇଥିବା ଜମି ସମ୍ବନ୍ଧରେ ଆବେଦନକାରୀ ମଧ୍ଯ ଜଣେ ମୌଫିଦାର ଥିଲେ ଯାହା ଖଜଣା ବା  ଟିକସ ପ୍ରଦାନରୁ ମୁକ୍ତ ଥିଲା । "ମୌଫିଦାର" ଅଭିବ୍ୟକ୍ତିଟି କୌଣସି ରାଜ୍ୟର ଅନୁଦାନ ପ୍ରାପ୍ତ ବ୍ୟକ୍ତି କିମ୍ବା ରାଜ୍ୟର ଶାସକଙ୍କ ମଧ୍ୟରେ ସୀମିତ ନଥିଲା; ସେ  ଜମିର ଧାରକ ହୋଇପାରନ୍ତି ଯାହା ଖଜଣା କିମ୍ବା ଟିକସ ପ୍ରଦାନରୁ ମୁକ୍ତ ଥିଲା ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା  198/1954   ।

ବିବିଧ ଆବେଦନ ସଂଖ୍ୟା 1231/1951 ମାମଲାରେ ପୂର୍ବତନ ନାଗପୁର ଉଚ୍ଚ ନ୍ୟାୟାଳୟର ତା 16, ଅକ୍ଟୋବର 1952 ରିଖର ରାୟ ତଥା ଆଦେଶ ବିରୁଦ୍ଧରେ ଆବେଦନଟି ।

*1960*

*ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ କାକଟିଆ ବନାମ ମଧ୍ୟପ୍ରଦେଶ ରାଜ୍ୟ*

*ଇମାମ, ନ୍ୟାୟମୂର୍ତ୍ତି*

ଆବେଦନକାରୀଙ୍କ ପକ୍ଷରୁ ଏମ.ଏସ.କେ. ଶାସ୍ତ୍ରୀ ।

ପ୍ରତିବାଦୀଙ୍କ ପକ୍ଷର ଏଚ. ଏଲ. ଖାସ୍କଲମ, ବି. କେ. ବି. ନାଇଡୁ ଏବଂ ଆଇ.ଏନ. ଶ୍ରଫ ।

1960. ନଭେମ୍ବର 18 । ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

ଇମାମ, ନ୍ୟାୟମୂର୍ତ୍ତି- ନାଗପୁର ଉଚ୍ଚ ନ୍ୟାୟାଳୟର ଭାରତୀୟ ସମ୍ବିଧାନର ଅନୁଛେଦ 226 and 227 ଅଧୀନରେ ଆବେଦନକାରୀଙ୍କ ଆବେଦନକୁ ଖାରଜ କରି ଦେଇଥିବା ରାୟରୁ ଏଇଟି ଏକ ଆବେଦନ । ସମ୍ବିଧାନର ଅନୁଛେଦ 132(1) ଅଧୀନରେ ଉଚ୍ଚ ନ୍ୟାୟାଳୟ ପ୍ରମାଣିତ କରିଛନ୍ତି ଯେ ଏହି ମାମଲାରେ ସମ୍ବିଧାନର ବ୍ୟାଖ୍ୟାକରଣ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ସଂଶ୍ଳିଷ୍ଟ । ତେଣୁକରି ବର୍ତ୍ତମାନର ଆବେଦନଟି । ଆବେଦନକାରୀ ବସ୍ତର ରାଜ୍ୟର ଶାସକ ଥିଲେ । ଭାରତୀୟ ସ୍ୱାଧୀନତା ଅଧିନିୟମ, 1947 ଅନୁମୋଦିତ ହେବା ପରେ, ଆବେଦନକାରୀ ଅଗଷ୍ଟ 14, 1947 ରେ ଭାରତର ସାର୍ବଭୌମତ୍ୱରେ ଏକ ସଂଯୋଗ ଲେଖପତ୍ର ନିଷ୍ପାଦିତ କରିଥିଲେ । ଏହାପରେ, ସେ ଭାରତର ସାର୍ବଭୌମତ୍ୱ ସହ ଏକ ରାଜିନାମା ସ୍ୱାକ୍ଷର କରିଥିଲେ ଯାହା "ଦ ଷ୍ଟାଣ୍ଡ ଷ୍ଟିଲ ଏଗ୍ରିମେଣ୍ଟ" ଭାବରେ ଜଣାଶୁଣା । ତା 15 ଡିସେମ୍ବର 1947 ରିଖରେ ସେ ଭାରତ ସରକାର  ସହ ଏକ ରାଜିନାମା ସ୍ୱାକ୍ଷର କରିଥିଲେ, ଯେଉଁଥିରେ ସେ କେନ୍ଦ୍ରୀୟ ପ୍ରଦେଶ ଏବଂ ବେରାର (ବର୍ତ୍ତମାନ ମଧ୍ୟପ୍ରଦେଶ ରାଜ୍ୟ) ସହିତ ଏକୀକୃତ ହେବା ପାଇଁ ବସ୍ତର ରାଜ୍ୟକୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିଥିଲେ । ଫଳସ୍ୱରୂପ 1 ଜାନୁଆରୀ, 1948 ଠାରୁ ବସ୍ତର  ରାଜ୍ୟ ଉପରେ ଭାରତର ସରକାରମାନଙ୍କର ସ୍ୱତନ୍ତ୍ର ଏବଂ ପୂର୍ଣ୍ଣ କର୍ତ୍ତୃତ୍ୱ, କ୍ଷେତ୍ରାଧିକାରିତା ଏବଂ କ୍ଷମତା ରହିଥିଲା ।

ମଧ୍ୟପ୍ରଦେଶ ରାଜ୍ୟ ବିଧାନ ମଣ୍ଡଳ ମଧ୍ୟପ୍ରଦେଶ ମାଲିକାନା ଅଧିକାର ଉଚ୍ଛେଦ (ମାହାଲ, ମହଲ, ହସ୍ତାନ୍ତରିତ ଜମି) ଅଧିନିୟମ, 1950 (ମଧ୍ୟପ୍ରଦେଶ 1951 ର ଅଧିନିୟମ-1) ଅନୁମୋଦନ କରିଥିଲା, ଯାହା ପରେ ଉକ୍ତ ଅଧିନିୟମ ଭାବରେ ସୂଚିତ ହୋଇଥିଲା, ଯାହା ଜାନୁଆରୀ 22, 1951 ରେ ଭାରତର ରାଷ୍ଟ୍ରପତିଙ୍କ ସମ୍ମତି ପାଇଥିଲା । ଏହି ଅଧିନିୟମର ମୁଖବନ୍ଧରେ କୁହାଯାଇଛି ଯେ ମଧ୍ୟପ୍ରଦେଶର ମାହାଲ, *ମହଲ*, ହସ୍ତାନ୍ତରିତ ଗ୍ରାମ ଏବଂ ହସ୍ତାନ୍ତରିତ ଜମିଗୁଡ଼ିକରେ ମାଲିକଙ୍କ ଅଧିକାର ଅର୍ଜନ ଏବଂ ଏହା ସହିତ ସମ୍ପୃକ୍ତ ଅନ୍ୟାନ୍ୟ ବିଷୟ ପାଇଁ ବ୍ୟବସ୍ଥାମାନ କରିବା ପାଇଁ ଏହା ଉଦ୍ଦିଷ୍ଟ । ଅଧିନିୟମର ଧାରା 3 ଅଧୀନରେ ରାଜ୍ୟ ସରକାର ଉପରେ ମାଲିକାନା ଅଧିକାର ନ୍ୟସ୍ତ କରିବା ସେହି ଧାରାରେ ଉଲ୍ଲେଖ କରାଯାଇଥିବା କେତେକ ସର୍ତ୍ତାବଳୀର ଅନୁପାଳନ ଉପରେ ହୋଇଥାଏ । 'ମାଲିକ' ର ସଂଜ୍ଞା ଧାରା 2 ଖଣ୍ଡ(ମ) ରେ ଉଲ୍ଲେଖ କରାଯାଇଛି ଏବଂ ଏହା

"ନିମ୍ନ ସମ୍ବନ୍ଧରେ-

*1960*

*ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ କାକଟିଆ*
*ବନାମ*
*ମଧ୍ୟପ୍ରଦେଶ ରାଜ୍ୟ*

*ଇମାମ, ନ୍ୟାୟମୂର୍ତ୍ତି*

(i) କେନ୍ଦ୍ରୀୟ ପ୍ରଦେଶ, ଜଣେ ନିମ୍ନତର ମାଲିକ, ଜଣେ ସଂରକ୍ଷିତ ଠେକାଦାର କିମ୍ବା ଅନ୍ୟାନ୍ୟ ଠେକାଦାର, କିମ୍ବା ସଂରକ୍ଷିତ ମୁଖିଆଙ୍କୁ ଅନ୍ତର୍ଭୁକ୍ତ କରେ ।

(ii) ସମିଶ୍ରଣ ହୋଇଥିବା ଅଞ୍ଚଳ ଅର୍ଥ ମଧ୍ୟପ୍ରଦେଶ ସହିତ ସମିଶ୍ରଣ ହୋଇଥିବା କୌଣସି ଭାରତୀୟ ରାଜ୍ୟର ପୂର୍ବତନ ଶାସକ, *ୱାଜିବ-ଉଲ-ଆର୍ଜର* ଅର୍ଥ ମଧ୍ୟରେ ଜଣେ ଜମିଦାର, *ଇଲାକେଦାର, ଖୋରପୋଷଦାର* କିମ୍ବା *ଜାଗୀରଦାର,* କିମ୍ବା କୌଣସି *ସନଦ,* ଦଲିଲ କିମ୍ବା ଅନ୍ୟାନ୍ୟ ସାଧନ, ଏବଂ ସେହିପରି ଗ୍ରାମଗୁଡ଼ିକର ଏକ *ଗାଓଣ୍ଡିଆ* କିମ୍ବା *ଠେକାଦର,* ଯେଉଁମାନଙ୍କ ପାଇଁ *ୱାଜିବ-ଉଲ-ଆର୍ଜରେ* ଥିବା ବ୍ୟବସ୍ଥା ଦ୍ୱାରା କିମ୍ବା ଅଧୀନରେ ଏହିପରି ଗ୍ରାମଗୁଡ଼ିକ କ୍ଷେତ୍ରରେ ପ୍ରଯୋଜ୍ୟ, *ମୌଫିଦାର, ଗାଓଣ୍ଡିଆ* କିମ୍ବା *ଠେକାଦାର,* ଯଥାସ୍ଥିତି, ଏହିପରି ଗ୍ରାମଗୁଡ଼ିକରେ ଜମି ଧାରଣ କରିଥିବା ବ୍ୟକ୍ତିଙ୍କଠାରୁ ଖଜଣା କିମ୍ବା ରାଜସ୍ୱ ଆଦାୟ କରିବାର ଅଧିକାର ରହିଛି;"।

'ମହଲ' ର ସଂଜ୍ଞା ଧାରା 2(j) ରେ କୁହାଯାଇଛି ଏବଂ ଏହା ହେଉଛି

" "ମହଲ"ର ଅର୍ଥ, ସମିଶ୍ରଣ ହୋଇଥିବା ଅଞ୍ଚଳ ସମ୍ବନ୍ଧରେ, ଏକ *ରାୟତ* ଦଖଲରେ ଥିବା ଜମି ବ୍ୟତୀତ ଅନ୍ୟ କୌଣସି ଅଞ୍ଚଳ ଯାହା ଜମି ରାଜସ୍ୱ ପାଇଁ ପୃଥକ ଭାବରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି, ସେପରି ଜମି ରାଜସ୍ୱ ଦେୟଯୋଗ୍ୟ ହୋଇଥାଉ କିମ୍ବା ମୁକ୍ତ ହୋଇଥାଉ, ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ରଫା ହୋଇଛି କିମ୍ବା ମୋଚନ ହୋଇଛି;

ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ସେ ତଥାପି ଜଣେ ସାର୍ବଭୌମ ଶାସକ ଏବଂ ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅଧୀନରେ ତାଙ୍କ ଆବେଦନର ଅନୁସୂଚୀ A ଏବଂ B ରେ ବିନିର୍ଦ୍ଦିଷ୍ଟ ହୋଇଥିବା ଗ୍ରାମଗୁଡ଼ିକର ସମ୍ପୂର୍ଣ୍ଣ ମାଲିକ । ସେ ଅନୁରୋଧ କରିଥିଲେ ଯେ ଭାରତ ସରକାର ସହ ତାଙ୍କ ଦ୍ୱାରା ହୋଇଥିବା ରାଜିନାମା ଅଧୀନରେ ତାଙ୍କ ଅଧିକାରକୁ ସ୍ୱୀକୃତି ଏବଂ ପ୍ରତ୍ୟାଭୂତି ଦିଆଯାଇଛି । ତେଣୁ ଏହି ଅଧିନିୟମର ବ୍ୟବସ୍ଥାମାନ ତାଙ୍କ ଉପରେ ଲାଗୁ ହୋଇନଥିଲା । ପୁନଶ୍ଚ ଯୁକ୍ତି କରାଯାଇଥିଲା ଯେ ଏହି ଅଧିନିୟମର ବ୍ୟବସ୍ଥା କୌଣସି ଶାସକ କିମ୍ବା କୌଣସି ଶାସକଙ୍କ ବ୍ୟକ୍ତିଗତ ସମ୍ପତ୍ତି ପାଇଁ ପ୍ରଯୁଜ୍ୟ ନୁହେଁ ଯାହା ଜମି ରାଜସ୍ୱରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇନଥିଲା । ସେ ସଂଯୋଗ ଲେଖପତ୍ରର ଅନୁଚ୍ଛେଦ 6 ଏବଂ ସଂଯୋଗ ଲେଖପତ୍ର ଅନୁଚ୍ଛେଦ 3 ର ପ୍ରଥମ ପରିଚ୍ଛେଦ ଉପରେ ନିର୍ଭର କରିଥିଲେ । ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ ଯଦି ସଂଯୋଗ ଲେଖପତ୍ରର ଅନୁଚ୍ଛେଦ 6 ଏବଂ ସମିଶ୍ରଣ ରାଜିନାମାର ଅନୁଚ୍ଛେଦ 3 ଅଧୀନରେ ଆବେଦନକାରୀଙ୍କ ଅଧିକାର ଉଲ୍ଲଙ୍ଘନ ହୋଇଛି, ତେବେ ସମ୍ବିଧାନର ଅନୁଚ୍ଛେଦ 363 ର ବ୍ୟବସ୍ଥାଗୁଡ଼ିକରୁ ଏହା ସ୍ପଷ୍ଟ ଯେ ଦୁଇଟି ସାଧନରୁ ଉପୁଜିଥିବା ବିବାଦରେ ନ୍ୟାୟାଳୟଙ୍କ ହସ୍ତକ୍ଷେପ ନିଷେଧ । ଉଚ୍ଚ ନ୍ୟାୟାଳୟଙ୍କର ମଧ୍ୟ ମତାମତ ଥିଲା ଯେ ସମ୍ବିଧାନର ଅନୁଚ୍ଛେଦ 362 ଆବେଦନକାରୀଙ୍କୁ କୌଣସି ସହାୟତା ପ୍ରଦାନ କରିନଥାଏ ।

1960

ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ କାକଟିଆ ବନାମ ମଧ୍ୟପ୍ରଦେଶ ରାଜ୍ୟ

ଇମାମ, ନ୍ୟାୟମୂର୍ତ୍ତି

ଆଇନରେ 'ମାଲିକ' ଶବ୍ଦର ସଂଜ୍ଞା ଉଲ୍ଲେଖ କରିବା ପରେ, ଉଚ୍ଚ ନ୍ୟାୟାଳୟଙ୍କ ମତାମତ ଥିଲା ଯେ ଅଧିନିୟମର ଧାରା 2(m) ରେ 'ମୌଫୀଦାର' ଶବ୍ଦଟି କୌଣସି ସଂକୀର୍ଣ୍ଣ କିମ୍ବା ବୈଷୟିକ ଅର୍ଥରେ ବ୍ୟବହୃତ ହୋଇନାହିଁ । ଜଣେ 'ମୌଫିଦାର' କେବଳ ଜଣେ ବ୍ୟକ୍ତି ନଥିଲେ ଯାହାଙ୍କୁ *ମୌଫି* ଜମିର ଅନୁଦାନ ଦିଆଯାଇଥିଲା, ବରଂ ସେ ମଧ୍ୟ ଜଣେ ବ୍ୟକ୍ତି ଥିଲେ ଯାହାଙ୍କ ପାଖରେ ଏ'ପରି ଜମି ଥିଲା ଯାହା "ଖଜଣା କିମ୍ବା କର" ପ୍ରଦାନରୁ ମୁକ୍ତ ଥିଲା । ତଦନୁସାରେ ଏହା ଆବେଦନକାରୀଙ୍କ ତରଫରୁ ଏହି ଯୁକ୍ତି ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ 'ମୌଫିଦାର' ଶବ୍ଦଟି ନିଶ୍ଚିତ ଭାବରେ ରାଜ୍ୟ କିମ୍ବା ଶାସକଙ୍କଠାରୁ ଅନୁଦାନ ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ସୀମିତ ଏବଂ ତେଣୁ ଜଣେ ଶାସକ ଧାରଣାଯୋଗ୍ୟ ଭାବରେ ଜଣେ *ମୌଫିଦାର* ହୋଇପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟ ମଧ୍ୟ ଆବେଦନକାରୀଙ୍କ ତରଫରୁ ଏହି ଯୁକ୍ତି ପ୍ରତ୍ୟାଖ୍ୟାନ କରିଥିଲେ ଯେ ଯେହେତୁ ସେ ସମ୍ବିଧାନର ଅନୁଚ୍ଛେଦ 366 (22) ରେ ସେହି ଅଭିବ୍ୟକ୍ତିର ଅର୍ଥ ମଧ୍ୟରେ ଜଣେ "ଶାସକ" ଥିଲେ, ସେ ଅଧିନିୟମ ରେ 'ମାଲିକ' ଶବ୍ଦର ସଂଜ୍ଞାରେ *ଥିବା* 'ପୂର୍ବତନ ଶାସକ' ଅଭିବ୍ୟକ୍ତି ମଧ୍ୟରେ ଆସିନଥିଲେ । ସମ୍ବିଧାନର ଅନୁଚ୍ଛେଦ 366(22) ରେ ବ୍ୟାଖ୍ୟା କରାଯାଇଥିବା 'ଶାସକ' ଅଭିବ୍ୟକ୍ତି କେବଳ ସମ୍ବିଧାନର ବ୍ୟବସ୍ଥାଗୁଡ଼ିକର ବ୍ୟାଖ୍ୟାକରଣ ପାଇଁ ପ୍ରଯୁଜ୍ୟ । ତେଣୁ ଏହି ଅଧିନିୟମରେ ଦିଆଯାଇଥିବା 'ପୂର୍ବତନ ଶାସକ" ଅଭିବ୍ୟକ୍ତିର ଅର୍ଥ ସାଧାରଣ ଶବ୍ଦକୋଷର ଅର୍ଥ ହେବା ଆବଶ୍ୟକ । ସଂକ୍ଷିପ୍ତ ଅକ୍ସଫୋର୍ଡ ଇଂରାଜୀ ଶବ୍ଦକୋଷ ଅନୁଯାୟୀ, 'ଶାସକ' ର ଅର୍ଥ "ଯିଏ, କିମ୍ବା ଯାହା, ନିୟମ ପ୍ରୟୋଗ କରେ, ବିଶେଷ କରି ସର୍ବୋଚ୍ଚ କିମ୍ବା ସାର୍ବଭୌମ ପ୍ରକାରର । ଯାହାର କୌଣସି ସୀମିତ କ୍ଷେତ୍ର ମଧ୍ୟରେ ନିୟନ୍ତ୍ରଣ, ପରିଚାଳନା କିମ୍ବା ମୁଖ୍ୟ ପଦବୀ ରହିଛି । ତଦନୁସାରେ ଉଚ୍ଚ ନ୍ୟାୟାଳୟ ଏହି ମତ ପୋଷଣ କରିଥିଲେ ଯେ ଯଦିଓ ଆବେଦନକାରୀ ଅତୀତରେ ଏପରି ଏକ ନିୟମ ପ୍ରୟୋଗ କରିଥିଲେ, ସେ ସଂଯୋଗ ଏବଂ ସମିଶ୍ରଣ ଚୁକ୍ତି କାର୍ଯ୍ୟକାରୀ ହେବା ପରେ ତାଙ୍କ ପୂର୍ବତନ ସାର୍ବଭୌମତ୍ୱରେ ଏହାକୁ ପ୍ରୟୋଗ କରିବା ବନ୍ଦ କରିଦେଇଥିଲେ । ତଦନୁସାରେ ଆବେଦନକାରୀଙ୍କୁ ଜଣେ ପୂର୍ବତନ ଶାସକ ଭାବରେ ବିବେଚନା କରାଯିବା ଆବଶ୍ୟକ ଏବଂ ଯେହେତୁ ସେ ମଧ୍ୟ ଜଣେ *ମୌଫିଦାର* ଥିଲେ, ସେ ଅଧିନିୟମରେ 'ମାଲିକ' ଶବ୍ଦର ସଂଜ୍ଞା ମଧ୍ୟରେ ଆସିଥିଲେ ।

ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅଧୀନରେ ଆବେଦନର ଅନୁସୂଚୀ A ଏବଂ B ରେ ଉଲ୍ଲିଖିତ ଗ୍ରାମଗୁଡ଼ିକ "ମାହାଲ, ମହଲ, ହସ୍ତାନ୍ତରିତ ଜମି" ପରି କୌଣସି ବର୍ଗରେ କ'ଣ ପଡ଼ିଥାଏ କି ବୋଲି ପ୍ରଶ୍ନଟି ମଧ୍ୟ ଉଚ୍ଚ ନ୍ୟାୟାଳୟ ଦ୍ୱାରା ବିଚାର କରାଯାଇଥିଲା । ଏହାର ମତାମତ ଏହିକି ଯେ ସେମାନେ ମାହାଲ କିମ୍ବା ହସ୍ତାନ୍ତରିତ ଜମି ବର୍ଗରେ ଆସନ୍ତି ନାହିଁ କିନ୍ତୁ ସେମାନେ *ମହଲ* ବର୍ଗରେ ଆସନ୍ତି । ଅଧିନିୟମର ଧାରା 2(j) ରେ 'ମହଲ' ର ସଂଜ୍ଞାନୁଯାୟୀ ଏହାକୁ ଜମି ରାଜସ୍ୱ ପାଇଁ ପୃଥକ ଭାବରେ ମୂଲ୍ୟ ନିର୍ଦ୍ଧାରଣ କରାଯିବା ଆବଶ୍ୟକ । ଆବେଦନକାରୀଙ୍କ ଅନୁଯାୟୀ ସେମାନଙ୍କୁ ଜମି ରାଜସ୍ୱ ମୂଲ୍ୟ ନିର୍ଦ୍ଧାରଣ କରାଯାଇନଥିଲା କିନ୍ତୁ ମଧ୍ୟପ୍ରଦେଶ ରାଜ୍ୟ ତରଫରୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଉଚ୍ଚ

1960

ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ କାକଟିଆ ବନାମ ମଧ୍ୟପ୍ରଦେଶ ରାଜ୍ୟ

ଇମାମ, ନ୍ୟାୟମୂର୍ତ୍ତି

ନ୍ୟାୟାଳୟଙ୍କ ମତାମତ ଥିଲା ଯେ ଏହି ପରିସ୍ଥିତିରେ ଆବେଦନକାରୀଙ୍କୁ ଏହା ସ୍ଥାପିତ କରିବାକୁ ହେବ ଯେ ସମ୍ପୃକ୍ତ ଗ୍ରାମଗୁଡ଼ିକୁ କେବେ ବି ଜମି ରାଜସ୍ୱ ଭାବରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇନାହିଁ କିନ୍ତୁ ଏହି ପ୍ରଭାବ ପାଇଁ କୌଣସି ପ୍ରମାଣ ଦିଆଯାଇନାହିଁ । ଅପରପକ୍ଷରେ, ଉଚ୍ଚ ନ୍ୟାୟାଳୟଙ୍କ କହିବାନୁଯାୟୀ, ନଥିରେ ଥିବା ଦଲିଲରୁ ଜଣାପଡ଼ିବ ଯେ 'ଭଣ୍ଡାର ଗ୍ରାମ' ଭାବରେ ଜଣାଶୁଣା ଗ୍ରାମଗୁଡ଼ିକୁ  ଜମି ରାଜସ୍ୱରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା । ଯେହେତୁ ଉଚ୍ଚ ନ୍ୟାୟାଳୟଙ୍କ ରାୟ ତାରିଖ ପର୍ଯ୍ୟନ୍ତ ଅନୁସୂଚୀ 'A' ରେ ଥିବା ଅବଶିଷ୍ଟ ଗ୍ରାମ ଏବଂ ଅନୁସୂଚୀ 'B' ରେ ଥିବା ଗ୍ରାମଗୁଡ଼ିକୁ ସମିଶ୍ରଣ ରାଜିନାମା ଦ୍ୱିତୀୟ ଏବଂ ତୃତୀୟ ଅନୁଚ୍ଛେଦ ଦ୍ୱାରା ଆବଶ୍ୟକ ଅନୁଯାୟୀ ଭାରତ ସରକାରଙ୍କ ଦ୍ୱାରା ଆବେଦନକାରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ଭାବରେ ସ୍ୱୀକୃତି ଦିଆଯାଇନଥିଲା, ଆବେଦନକାରୀ ସେମାନଙ୍କ ଉପରେ ନିଜର ମାଲିକାନା ଦାବି କରିପାରିନଥିଲେ । ତଦନୁସାରେ, ଉଚ୍ଚ ନ୍ୟାୟାଳୟ ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅଧୀନରେ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ ।

ଆମ୍ଭ ସମ୍ମୁଖରେ ମୁଖ୍ୟତଃ ଦୁଇଟି ପ୍ରଶ୍ନ ଉତ୍ଥାପନ କରାଯାଇଥିଲା (1) ଅଧିନିୟମରେ ସେହି ଅଭିବ୍ୟକ୍ତିର ଅର୍ଥରେ ଆବେଦନକାରୀ ଜଣେ ମାଲିକ ଅଟନ୍ତି କି ଏବଂ (2) ଅଧିନିୟମରେ ଥିବା 'ମହଲ' ଶବ୍ଦର ସଂଜ୍ଞା ମଧ୍ୟରେ ଉକ୍ତ ଗ୍ରାମଗୁଡିକ ଆସୁଛନ୍ତି କି । ଆବେଦନକାରୀଙ୍କ ତରଫରୁ ଏହା ଅନୁରୋଧ କରାଯାଇଥିଲା ଯେ ଏହି ଅଧିନିୟମ ସମିଶ୍ରଣ ରାଜିନାମାର ଅନୁଚ୍ଛେଦ 3 ଅଧୀନରେ ପ୍ରଦତ୍ତ ପ୍ରତ୍ୟାଭୂତିଯୁକ୍ତ ଆବେଦନକାରୀଙ୍କ ଅଧିକାରକୁ ପରାହତ କରିପାରିବ ନାହିଁ । ତଥାପି, ଆମ୍ଭ ପାଇଁ ଏହା ସ୍ପଷ୍ଟ ଜଣାପଡୁଛି ଯେ ସମ୍ବିଧାନର ଅନୁଚ୍ଛେଦ 363(1)ର ବ୍ୟବସ୍ଥାଗୁଡ଼ିକ ଦୃଷ୍ଟିରେ ସମିଶ୍ରଣ ରାଜିନାମା କିମ୍ବା ସଂଯୋଗ ଲେଖପତ୍ରରୁ ଉତ୍ପନ୍ନ କୌଣସି ବିବାଦ ଅନୁସନ୍ଧାନ କରିବା ନ୍ୟାୟାଳୟର କ୍ଷମତା ବାହାରେ । ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ବିରୋଧରେ ଏହି ପ୍ରସଙ୍ଗରେ ଯଥାଯଥ ନିଷ୍ପତ୍ତି ନେଇଥିଲେ ।

ପ୍ରଥମ ପ୍ରସଙ୍ଗ ସମ୍ବନ୍ଧରେ ଆମ୍ଭେ ପ୍ରଥମେ ବିଚାର କରିବା ଯେ ଆବେଦନକାରୀ ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତାର୍ଥେ ଜଣେ ପୂର୍ବତନ ଶାସକ କି ନୁହେଁ । ସେ ଯେ ପ୍ରକୃତରେ, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ, କାରଣ ସେ ତାଙ୍କ ରାଜ୍ୟକୁ ଭାରତ ସରକାରଙ୍କୁ କେନ୍ଦ୍ରୀୟ ପ୍ରଦେଶ ଏବଂ ବେରାର (ବର୍ତ୍ତମାନ ମଧ୍ୟପ୍ରଦେଶ ରାଜ୍ୟ) ସହିତ ଏକୀକୃତ କରିବା ପାଇଁ ଭାରତ ସରକାରଙ୍କୁ ଏପରି ଭାବରେ ହସ୍ତାନ୍ତର କରିଥିଲେ ଯାହା ଭାରତ ସରକାର ଉପଯୁକ୍ତ ବୋଲି ଭାବିଥିଲେ । ତା 1 ଜାନୁଆରୀ 1948  ରିଖରୁ ସେହି ରାଜ୍ୟର ପ୍ରଶାସନ ଭାରତ ସରକାରଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ ରାଜି ହେବା ପରେ ସେ ନିଜ ରାଜ୍ୟର ଶାସନ ସମ୍ବନ୍ଧିତ ସମ୍ପୂର୍ଣ୍ଣ ଏବଂ ସ୍ୱତନ୍ତ୍ର କର୍ତ୍ତୃତ୍ୱ, କ୍ଷେତ୍ରାଧିକାରିତା ଏବଂ କ୍ଷମତା ଭାରତ ସରକାରଙ୍କୁ ପ୍ରଦାନ କରିଥିଲେ । ପ୍ରଶ୍ନ ଏହିକି ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 366(22)ର ବ୍ୟବସ୍ଥାନୁଯାୟୀ

1960

ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ କାକଟିଆ ବନାମ ମଧ୍ୟପ୍ରଦେଶ ରାଜ୍ୟ

ଇମାମ, ନ୍ୟାୟମୂର୍ତ୍ତି

ସମ୍ବିଧାନର ଉଦ୍ଦେଶ୍ୟ ପାଇଁ ତାଙ୍କର ଶାସକ ଭାବରେ ସ୍ୱୀକୃତି ସମ୍ବିଧାନ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟ ପାଇଁ ତାଙ୍କର ଶାସକ ଭାବରେ ସ୍ଥିତି ଜାରି ରଖେ କି? ଅନୁଚ୍ଛେଦ 366(22) ରେ କୁହାଯାଇଛି:

""କୌଣସି ଭାରତୀୟ ରାଜ୍ୟ ସମ୍ବନ୍ଧରେ "ଶାସକ" ର ଅର୍ଥ ସେହି ଯୁବରାଜ, ମୁଖ୍ୟ କିମ୍ବା ଅନ୍ୟ ବ୍ୟକ୍ତି, ଯାହାଙ୍କ ଦ୍ୱାରା ଅନୁଚ୍ଛେଦ 291ର ଖଣ୍ଡ (1) ରେ ସୂଚିତ କୌଣସି ଚୁକ୍ତି କିମ୍ବା ରାଜିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ଯାହାଙ୍କୁ ତତ୍କାଳୀନ ରାଷ୍ଟ୍ରପତି ରାଜ୍ୟର ଶାସକ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି, ଏବଂ ଏଥିରେ ଏପରି କୌଣସି ବ୍ୟକ୍ତି ସାମିଲ ଅଛନ୍ତି, ଯାହାଙ୍କୁ ତତ୍କାଳୀନ ରାଷ୍ଟ୍ରପତି ସେହି ଶାସକଙ୍କ ଉତ୍ତରାଧିକାରୀ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ଅନୁଚ୍ଛେଦ 291 ରେ ଶାସକମାନଙ୍କୁ ଦେୟ ହେଉଥିବା ଶାସକଙ୍କର ବ୍ୟକ୍ତିଗତ ବାର୍ଷିକ ଭତ୍ତା ବିଷୟରେ ଉଲ୍ଲେଖ ରହିଛି । ଏଥିରେ କୁହାଯାଇଛି:

"ଯେଉଁ କ୍ଷେତ୍ରରେ ଏହି ସମ୍ବିଧାନର ପ୍ରାରମ୍ଭ ପୂର୍ବରୁ କୌଣସି ଭାରତୀୟ ରାଜ୍ୟର ଶାସକଙ୍କ ଦ୍ୱାରା ସ୍ୱାକ୍ଷରିତ କୌଣସି ଚୁକ୍ତି କିମ୍ବା ରାଜିନାମା ଅଧୀନରେ, ଭାରତ ସାର୍ବଭୌମତ୍ୱ ସରକାରଙ୍କ ଦ୍ୱାରା ଏପରି ରାଜ୍ୟର କୌଣସି ଶାସକଙ୍କୁ ଟିକସ ମୁକ୍ତ କୌଣସି ଅର୍ଥ ପ୍ରଦାନର ପ୍ରତ୍ୟାଭୂତି କିମ୍ବା ଆଶ୍ୱାସନା ଦିଆଯାଇଛି ।

(a) ଏପରି ଅର୍ଥରାଶି ଭାରତର ସଞ୍ଚିତ ପାଣ୍ଠି ଉପରେ ଆଦାୟ କରାଯିବ ଏବଂ ସେଥିରୁ ପ୍ରଦାନ କରାଯିବ; ଏବଂ

(b) କୌଣସି ଶାସକଙ୍କୁ ପ୍ରଦାନ କରାଯାଇଥିବା ଅର୍ଥରାଶି ଆୟ ଉପରେ ସମସ୍ତ ଟିକସରୁ ମୁକ୍ତ ହେବ ।”

ଅନୁଚ୍ଛେଦ 291 ସମ୍ବିଧାନ ଆରମ୍ଭ ପୂର୍ବରୁ କୌଣସି ଭାରତୀୟ ରାଜ୍ୟର ଶାସକଙ୍କ ଦ୍ୱାରା ସ୍ୱାକ୍ଷରିତ କୌଣସି ଚୁକ୍ତି କିମ୍ବା ରାଜିନାମାକୁ ସୂଚିତ କରେ । ଏହି ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଥିବା ଚୁକ୍ତି କିମ୍ବା ରାଜିନାମାରେ ନିଶ୍ଚିତ ଭାବେ 'ସଂଯୋଗ ଲେଖପତ୍ର' ଏବଂ 'ସମିଶ୍ରଣ ରାଜିନାମା' ସାମିଲ ରହିଛି । ସମିଶ୍ରଣ ରାଜିନାମାର ପ୍ରଭାବ ସ୍ପଷ୍ଟତଃ ଏପରି ଏକ ବିଷୟ ଯାହା ଦ୍ୱାରା ବାସ୍ତବରେ କୌଣସି ଭାରତୀୟ ରାଜ୍ୟର ଶାସକଙ୍କର ଶାସକ ହେବା ବନ୍ଦ ହୋଇଯାଏ, କିନ୍ତୁ ସମ୍ବିଧାନର ଉଦ୍ଦେଶ୍ୟରେ ଏବଂ ପ୍ରଦତ୍ତ ପ୍ରତ୍ୟାଭୂତିଯୁକ୍ତ ଶାସକଙ୍କର ବ୍ୟକ୍ତିଗତ ବାର୍ଷିକ ଭତ୍ତା ଉଦ୍ଦେଶ୍ୟରେ, ସେ ସମ୍ବିଧାନର ଅନୁଚ୍ଛେଦ 366(22) ରେ ପରିଭାଷିତ ଜଣେ ଶାସକ ଅଟନ୍ତି । ଅନୁଚ୍ଛେଦ 366 (22) ର ବ୍ୟବସ୍ଥାଗୁଡ଼ିକରେ ଏପରି କିଛି ନାହିଁ ଯାହା ସମ୍ବିଧାନ ବହିର୍ଭୂତ ଉଦ୍ଦେଶ୍ୟ ନିମିତ୍ତାର୍ଥେ ଏପରି ବ୍ୟକ୍ତିଙ୍କୁ ଶାସକ ଭାବରେ ସ୍ୱୀକୃତି ଦେବା ପାଇଁ ଏକ ନ୍ୟାୟାଳୟ ଆବଶ୍ୟକ କରେ । ଆମ୍ଭ ମତରେ, ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ରାୟ ଦେଇଛନ୍ତି ଯେ ଆବେଦନକାରୀ ଜଣେ ପୂର୍ବତନ ଶାସକ ଏବଂ ସମ୍ବିଧାନର ଅନୁଚ୍ଛେଦ 366(22) ତାଙ୍କୁ ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତାର୍ଥେ ଶାସକ କରିନଥିଲା । ଯେହେତୁ ଆବେଦନକାରୀ ଜଣେ 'ପୂର୍ବତନ ଶାସକ' ଥିଲେ, ସେ ସେହି ବ୍ୟକ୍ତିଗଣଙ୍କ ବର୍ଗ ମଧ୍ୟରେ ଥିଲେ ଯାହାଙ୍କ ନାମ 'ମାଲିକ' ର ସଂଜ୍ଞାରେ ନିର୍ଦ୍ଦିଷ୍ଟ ଭାବରେ ଅନ୍ତର୍ଭୁକ୍ତ ଥିଲା ଏବଂ ତେଣୁ ସ୍ପଷ୍ଟ ଭାବରେ ଆଇନର ପରିସର ମଧ୍ୟରେ ।

ଆବେଦନକାରୀ କେବଳ ଜଣେ ପୂର୍ବତନ ଶାସକ ନଥିଲେ, ବରଂ ଜଣେ ମୌଫିଦାର ଥିଲେ, ଯାହା ଆମ୍ଭଙ୍କୁ ସ୍ପଷ୍ଟ ଜଣାପଡୁଛି । *ମୌଫିର* ସାଧାରଣ ଅଭିଧାନର ଅର୍ଥ ହେଉଛି "ମୁକ୍ତ, ଛାଡ଼, ଖଜଣା ବା ଟିକସ ଦେୟରୁ ଛାଡ଼, ଖଜଣା ମୁକ୍ତ" ଏବଂ ମୌଫିଦାର ହେଉଛି "ଖଜଣା ମୁକ୍ତ ଜମିର ଧାରକ, ଜଣେ ଅନୁଦାନପ୍ରାପ୍ତକାରୀ ବ୍ୟକ୍ତି " । ଉଚ୍ଚ ନ୍ୟାୟାଳୟରେ ଏହା ଏକ ସାଧାରଣ ଆଧାର ଥିଲା ଯେ ସମ୍ପୃକ୍ତ ଗ୍ରାମଗୁଡ଼ିକୁ ଖଜଣା କିମ୍ବା ଟିକସ ପ୍ରଦାନରୁ ମୁକ୍ତ କରାଯାଇଥିଲା । ଆମ୍ଭ ମତରେ, ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବେ ଏହି ମତପୋଷଣ କରିଥିଲେ ଯେ 'ମୌଫିଦାର' ଅଭିବ୍ୟକ୍ତି କେବଳ କୌଣସି ରାଜ୍ୟର ଅନୁଦାନପ୍ରାପ୍ତ ବ୍ୟକ୍ତି କିମ୍ବା ରାଜ୍ୟର ଶାସକଙ୍କ ମଧ୍ୟରେ ସୀମିତ ନୁହେଁ । ଜଣେ ମୌଫିଦାର ଜନୈକ ବ୍ୟକ୍ତି ହୋଇପାରନ୍ତି ଯିଏ ଜମିର ମାଲିକ ଥିଲେ ଯାହା ଖଜଣା କିମ୍ବା ଟିକସ ପ୍ରଦାନରୁ ମୁକ୍ତ ଥିଲା । ଆମ୍ଭ ମତରେ, ଆବେଦନକାରୀ ନିଶ୍ଚିତ ଭାବରେ ମଧ୍ୟପ୍ରଦେଶରେ ମିଶିଥିବା ଏକ ଭାରତୀୟ ରାଜ୍ୟର 'ପୂର୍ବତନ ଶାସକ' ହେବା ବ୍ୟତୀତ 'ମୌଫିଦାର' ଅଭିବ୍ୟକ୍ତି ମଧ୍ୟରେ ମଧ୍ୟ ଆସିଥିଲେ ।

ତେବେ ସେ ଯାହା ହେଉ, ଆବେଦନକାରୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଛି ଯେ ସଂଜ୍ଞାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଶେଷ ଅଂଶଟି ଅଟେ ଯେଉଁଠାରେ ଏହା କୁହାଯାଇଥିଲା ଯେ ଜଣେ *ମୌଫିଦାରଙ୍କ* କ୍ଷେତ୍ରରେ ସେ ଜଣେ ଏପରି ବ୍ୟକ୍ତି ହେବା ଆବଶ୍ୟକ ଯାହାଙ୍କର ଏହିପରି ଗ୍ରାମଗୁଡ଼ିକ ପାଇଁ ପ୍ରଯୋଜ୍ୟ *ୱାଜିବ-ଉଲ-ଆର୍ଜରେ* ଥିବା ବ୍ୟବସ୍ଥା ଦ୍ୱାରା କିମ୍ବା ଅଧୀନରେ, ଯେଉଁ ଗ୍ରାମଗୁଡ଼ିକରେ ଜମି ଧାରଣ କରିଥିବା ବ୍ୟକ୍ତିଙ୍କଠାରୁ ଖଜଣା କିମ୍ବା ରାଜସ୍ୱ ଆଦାୟ କରିବାର ଅଧିକାର ଥିଲା । ଏହା ଯୁକ୍ତି କରାଯାଇଥିଲା ଯେ ଆବେଦନକାରୀ ଜଣେ *ମୌଫିଦାର* ହୋଇଥିଲେ ମଧ୍ୟ, ଏହା ଦର୍ଶାଇବା ପାଇଁ କିଛି ନାହିଁ ଯେ ତାଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା କୌଣସି ଗ୍ରାମ ବିଷୟରେ *ୱାଜିବ-ଉଲ-ଆର୍ଜରେ* ପ୍ରବେଶ କରାଯାଇଥିଲା, ଯେ ଏପରି ଗ୍ରାମରେ ଜମି ଧାରଣ କରିଥିବା ବ୍ୟକ୍ତିଙ୍କଠାରୁ ଖଜଣା କିମ୍ବା ରାଜସ୍ୱ ଆଦାୟ କରିବାର ତାଙ୍କର ଅଧିକାର ଅଛି । ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅଧୀନରେ ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ କେଉଁଠି ମଧ୍ୟ ଏହା ଦାବି କରାଯାଇନଥିଲା ଯେ ଯଦିଓ ତାଙ୍କୁ ଜଣେ *ମୌଫିଦାର* ଭାବରେ ବିବେଚନା କରାଯାଉଥିଲା, ତଥାପି *ୱାଜିବ-ଉଲ-ଆର୍ଜ୍‌* ରେ ତାଙ୍କ କୌଣସି *ମୌଫି* ଗ୍ରାମ ସମ୍ବନ୍ଧରେ ଉଲ୍ଲେଖ କରିନଥିଲେ ଯେ ଏହିପରି ଗ୍ରାମରେ ଜମି ଧାରଣ କରିଥିବା ବ୍ୟକ୍ତିଙ୍କଠାରୁ ଖଜଣା କିମ୍ବା ରାଜସ୍ୱ ଆଦାୟ କରିବାର ତାଙ୍କର ଅଧିକାର ଥିଲା । ଉଚ୍ଚ ନ୍ୟାୟାଳୟର ରାୟରୁ ଏହା ଜଣାପଡୁଥିଲା ଯେ ଏହା ସମ୍ମୁଖରେ ଏପରି କୌଣସି ତର୍କ ଉପସ୍ଥାପିତ ହୋଇନଥିଲା । ସମ୍ବିଧାନର ଅନୁଚ୍ଛେଦ 132(1) ଅଧୀନରେ ଏକ ପ୍ରମାଣପତ୍ର ପାଇଁ କରାଯାଇଥିବା ଆବେଦନରେ ମଧ୍ୟ ଆମ୍ଭେ ଏହାର କୌଣସି ଉଲ୍ଲେଖ ପାଇ ପାରୁନାହୁଁ । ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା ମାମଲାର ବିବୃତିରେ ମଧ୍ୟ ଏହି ତଥ୍ୟର କୌଣସି ଉଲ୍ଲେଖ ନାହିଁ । ତେଣୁ ନଥିପତ୍ରରେ ଏପରି କୌଣସି ତଥ୍ୟ ନାହିଁ ଯାହା ପ୍ରମାଣିତ କରିବାକୁ ଯେ ଜଣେ *ମୌଫିଦାର*

*1960*

*ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ କାକଟିଆ ବନାମ ମଧ୍ୟପ୍ରଦେଶ ରାଜ୍ୟ*

*ଇମାମ, ନ୍ୟାୟମୂର୍ତ୍ତି*

ଭାବରେ ଆବେଦନକାରୀଙ୍କ ନିଜ ଗ୍ରାମରେ ଜମି ରଖିଥିବା ବ୍ୟକ୍ତିଙ୍କଠାରୁ ଖଜଣା କିମ୍ବା ରାଜସ୍ୱ ଆଦାୟ କରିବାର କୌଣସି ଅଧିକାର ନଥିଲା । ଏହି ସତ୍ୟକୁ ପ୍ରମାଣ କରିବା ପାଇଁ ଆବେଦନକାରୀଙ୍କ ଉପରେ ଦାୟିତ୍ୱ ଥିଲା, ଯାହାକୁ ସେ କେବେ ହେଲେ ନିର୍ବାହ କରିବାକୁ ଚେଷ୍ଟା କରିନଥିଲେ । ତେଣୁ ଆବେଦନକାରୀଙ୍କ ତରଫରୁ କରାଯାଇଥିବା ଉପସ୍ଥାପନ ସମୟରେ ଆମ୍ଭ ସମ୍ମୁଖରେ ପ୍ରଥମ ଥର ପାଇଁ ଉଠାଯାଇଥିବା ଆବେଦନକାରୀଙ୍କ ତରଫରୁ ଏହି ଯୁକ୍ତିକୁ ଗ୍ରହଣ କରିବା ଅସମ୍ଭବ ।

'ମହଲ' ର ସଂଜ୍ଞାରୁ ଉଦ୍ଭିତ ଦ୍ୱିତୀୟ ପ୍ରସଙ୍ଗ ବିଷୟରେ ଉଚ୍ଚ ନ୍ୟାୟାଳୟ ନିଶ୍ଚିତ ଭାବରେ ଜାଣିବାକୁ ପାଇଲେ ଯେ ଆବେଦନକାରୀ ଏହା ପ୍ରମାଣ କରିବାକୁ କୌଣସି ସାକ୍ଷ୍ୟ ଦେଇ ନାହାଁନ୍ତି ଯେ ସମ୍ପୃକ୍ତ ଗ୍ରାମଗୁଡ଼ିକ ପାଇଁ ଜମି ରାଜସ୍ୱରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇନାହିଁ । ଅପର ପକ୍ଷରେ, ନଥିରେ ଥିବା ଭଣ୍ଡାର ଗ୍ରାମର ଦଲିଲଗୁଡ଼ିକର ସନ୍ଦର୍ଭରୁ ଜଣାପଡ଼େ ଯେ ଏହି ଗ୍ରାମଗୁଡ଼ିକୁ ଜମି ରାଜସ୍ୱ ଆଧାରରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା । ଯେହେତୁ ଏହା ଏକ ତଥ୍ୟଗତ ପ୍ରଶ୍ନ ଥିଲା ଯେ ଗ୍ରାମଗୁଡ଼ିକୁ ଜମି ରାଜସ୍ୱ ଭାବରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି କି ନାହିଁ, ଯାହା ମଧ୍ୟପ୍ରଦେଶ ରାଜ୍ୟ ତରଫରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ରାୟ ଦେଇଥିଲେ ଯେ ଏହି ପ୍ରସଙ୍ଗରେ ଆବେଦନକାରୀଙ୍କ ଯୁକ୍ତି ଗ୍ରହଣ କରାଯାଇପାରିବ ନାହିଁ । ଅନ୍ୟ ଗ୍ରାମଗୁଡ଼ିକ ପାଇଁ, ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅଧୀନରେ ଆବେଦନକାରୀଙ୍କ ଆବେଦନର ଅନୁସୂଚୀ A ଏବଂ B ରେ, ଆମ୍ଭ ମତରେ, ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ରାୟ ଦେଇଥିଲେ ଯେ ଏହି ଆବେଦନ ଅନୁରକ୍ଷଣୀୟ ନୁହେଁ କାରଣ ଏହି ଗ୍ରାମଗୁଡ଼ିକ ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ଦ୍ୱାରା ଆବେଦନକାରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ଭାବରେ ସ୍ୱୀକୃତିପ୍ରାପ୍ତ ହୋଇନାହିଁ । ଆମ୍ଭ ମତରେ, ତଦନୁଯାୟୀ ଆବେଦନ ବିଫଳ ହୋଇଛି ଏବଂ ଖର୍ଚ୍ଚ ସହିତ ଖାରଜ କରାଯାଉଛି ।

*ଆବେଦନ ଖାରଜ ହୋଇଛି ।*

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**